# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

### 03rd October – 2025

******************************

## ମୁଖ୍ୟ ସମ୍ବାଦ

- ଆଦି କର୍ମଯୋଗୀ ଅଭିଯାନ ଅଧୀନରେ ରାଜ୍ୟର ୨୧୩ଟି ବ୍ଲକ୍‌ର ୭ ହଜାର ୬୦୦ରୁ ଉର୍ଦ୍ଧ୍ୱ ଗ୍ରାମ ସାମିଲ୍ ।

- ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ମାସିକ ରେଡିଓ କାର୍ଯ୍ୟକ୍ରମ 'ମନ୍ କୀ ବାତ୍'କୁ ଆଜି ପୂରିଲା ୧୧ ବର୍ଷ ।

- ଗଜପତି ଜିଲ୍ଲା ଭୂସ୍ଖଳନ ଘଟଣାରେ ୨ ଜଣ ମୃତକଙ୍କ ପରିବାରକୁ ୪ ଲକ୍ଷ ଟଙ୍କା ଲେଖାଏଁ ଅନୁକମ୍ପାମୂଳକ ସହାୟତା ରାଶି ଘୋଷଣା କଲେ ମୁଖ୍ୟମନ୍ତ୍ରୀ ।

ଏବଂ

- ପୁରପଲ୍ଲୀଠାରୁ ଆରମ୍ଭ କରି ସହର ପର୍ଯ୍ୟନ୍ତ ଚାଲିଛି ମା' ଜଗତ୍‌ଜନନୀଙ୍କ ଭସାଣ ଉତ୍ସବ ।

*Desk*

# ଆଦି କର୍ମଯୋଗୀ

ଗାନ୍ଧୀ ଜୟନ୍ତୀର ଶୁଭ ଅବସରରେ ରାଜ୍ୟରେ ଆଦି କର୍ମଯୋଗୀ ଅଭିଯାନ ଅଧୀନରେ ବିଶେଷ ଗ୍ରାମସଭା ଆୟୋଜିତ ହୋଇଯାଇଛି । ଏହି ଅଭିଯାନରେ ୨୨ଟି ଜିଲ୍ଲାର ୨୧୩ଟି ବ୍ଲକ୍‌ର ୭ ହଜାର ୬୨୩ଟି ଗ୍ରାମ ସାମିଲ୍ କରାଯାଇଛି । ସୂଚନା ଅନୁସାରେ, ଏହି ଅଭିଯାନରେ ସମଗ୍ର ରାଜ୍ୟରୁ ୫ ହଜାର ୫୦୦ରୁ ଅଧିକ ଗ୍ରାମ୍ୟ କାର୍ଯ୍ୟ ଯୋଜନାକୁ ଅନୁମୋଦନ ମିଳିଛି । ଆଦିବାସୀ ଅଞ୍ଚଳରେ ଅନ୍ତର୍ଭୁକ୍ତୀମୂଳକ, ଅଂଶଗ୍ରହଣକାରୀ ଏବଂ ଉତ୍ତରଦାୟିତ୍ୱ ଶାସନ ମିଶନ୍‌ର ଦୃଷ୍ଟିକୋଣକୁ ଆହୁରି ସୁଦୃଢ଼ କରିପାରିଛି ବୋଲି ସରକାରଙ୍କ ପକ୍ଷରୁ କୁହାଯାଇଛି । କେନ୍ଦ୍ର ଜନଜାତି ବ୍ୟାପାର ମନ୍ତ୍ରଣାଳୟଦ୍ୱାରା ଆଦି କର୍ମଯୋଗୀ ଅଭିଯାନ ଆରମ୍ଭ ହୋଇଛି । ଏହି ଅଭିଯାନ ହେଉଛି 'ଧରିତ୍ରୀ ଆବା ଜନଜାତୀୟ ଗ୍ରାମ ଉତ୍କର୍ଷ ଅଭିଯାନ'ର ଏକ ଅଂଶ । ସେବା ସମର୍ପଣ ଓ ସଙ୍କଳ୍ପ ଭାବନାରେ ପରିପୂର୍ଣ୍ଣ ଏହି ଅଭିଯାନ ତୃଣମୂଳ ସ୍ତରରେ ଅତ୍ୟାବଶ୍ୟକ ସେବାଗୁଡ଼ିକ ପ୍ରଦାନ କରୁଛି । ରାଜ୍ୟର ୨୨ଟି ଜିଲ୍ଲାରେ କାର୍ଯ୍ୟାନ୍ୱୟନପାଇଁ ୧ ଲକ୍ଷ ଆଦିସାଥୀ ଓ ୩୦ ହଜାର ଆଦି-ସହଯୋଗୀଙ୍କୁ ସଙ୍ଗଠିତ କରାଯାଇଛି । ପ୍ରାୟ ୭ ହଜାର ୬୦୦ରୁ ଊର୍ଦ୍ଧ୍ୱ ଗ୍ରାମରେ ଆଦି-ସେବାକେନ୍ଦ୍ର ସ୍ଥାପନ କରିବାପାଇଁ ଲକ୍ଷ୍ୟ ରଖାଯାଇଥିବାବେଳେ ଗତକାଲି ୬ ହଜାର ୨୦୦ରୁ ଅଧିକ ଆଦି-ସେବାକେନ୍ଦ୍ର ଉଦ୍‌ଘାଟିତ ହୋଇଯାଇଛି ।

*Jajpur/R*

# ଆଦି କର୍ମଯୋଗୀ ଅଭିଯାନ

ଯାଜପୁର ଜିଲ୍ଲା ଦାନଗଦି ବ୍ଲକ୍ ଅନ୍ତର୍ଗତ ଚାନ୍ଦିଆ ଗ୍ରାମରେ ଆଦି କର୍ମଯୋଗୀ ଅଭିଯାନର ଏକ ସ୍ୱତନ୍ତ୍ର ଗ୍ରାମସଭା ଜିଲ୍ଲା ପ୍ରଶାସନ ପକ୍ଷରୁ ହୋଇଯାଇଛି । ଜିଲ୍ଲାର ୬୮ଟି ଆଦି କର୍ମଯୋଗୀ ଅଭିଯାନ ଗ୍ରାମ୍ୟ କାର୍ଯ୍ୟକ୍ରମ ଯୋଜନା ଏହି ସଭାରେ ପାରିତ ହୋଇଛି । ଜନଜାତି ସମ୍ପ୍ରଦାୟବହୁଳ ଅଞ୍ଚଳରେ ସାମାଜିକ ଓ ଆର୍ଥିକ ସ୍ଥିତିକୁ ମଜବୁତ୍ କରିବା ଏବଂ ସରକାରୀ ଯୋଜନାକୁ ସଠିକ୍ ଭାବେ କାର୍ଯ୍ୟକାରୀ କରିବା ନେଇ ସଭାରେ ଆଲୋଚନା ହୋଇଥିଲା ।

*Desk*

# ମନ୍ କୀ ବାତ୍ - ୧୧ ବର୍ଷ ପୂର୍ତ୍ତି

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ମାସିକ ରେଡ଼ିଓ କାର୍ଯ୍ୟକ୍ରମ ମନ୍ କୀ ବାତ୍‌କୁ ଆଜି ୧୧ବର୍ଷ ପୂରିଛି । ୨୦୧୪ ମସିହା ଆଜିର ଦିନରେ ମନ୍ କୀ ବାତ୍‌ର ପ୍ରଥମ ସଂସ୍କରଣ ଆକାଶବାଣୀ ପକ୍ଷରୁ ପ୍ରସାରଣ ହୋଇଥିଲା। ନିକଟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ୧୨୬ତମ ସଂସ୍କରଣରେ ଦେଶବାସୀଙ୍କୁ ସମ୍ବୋଧିତ କରିଛନ୍ତି । ଆମ ସମ୍ବାଦଦାତାଙ୍କ ରିପୋର୍ଟ ଅନୁଯାୟୀ ମନ୍ କୀ ବାତ୍ କେବଳ ଗୋଟିଏ ରେଡ଼ିଓ କାର୍ଯ୍ୟକ୍ରମ ନୁହେଁ ଏହା

ସାଂସ୍କୃତିକ ଏବଂ ସାମାଜିକ ବିଚାରଧାରାର ଉନ୍ନତ ସଂସ୍କରଣ ଯାହା ଦେଶର ପ୍ରତ୍ୟେକ କୋଣରେ ପହଞ୍ଚିପାରିଛି।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଗତ ୧୧ବର୍ଷରେ ଏହି କାର୍ଯ୍ୟକ୍ରମ ମାଧ୍ୟମରେ ସାମାଜିକ, ସାଂସ୍କୃତିକ, ପରିବେଶ ସମ୍ବନ୍ଧରେ ବିଭିନ୍ନ ଘଟଣା ସମ୍ବନ୍ଧରେ ଆଲୋଚନା କରିଛନ୍ତି । ମନ୍ କି ବାତ୍ କାର୍ଯ୍ୟକ୍ରମ ପ୍ରଧାନମନ୍ତ୍ରୀ ଏବଂ ସାଧାରଣ ନାଗରିକଙ୍କ ମଧ୍ୟରେ ଭାବ ଆଦାନ ପ୍ରଦାନର ଏକ ଗୁରୁତ୍ୱପୂର୍ଣ୍ଣ ମାଧ୍ୟମ ପାଲଟିଛି । ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ଏହି କାର୍ଯ୍ୟକ୍ରମର ଏକ ସଂସ୍କରଣରେ କହିଛନ୍ତି, ଶ୍ରୋତାମାନେ ହେଉଛନ୍ତି ମନ୍ କୀ ବାତ୍‌ର ବାସ୍ତବ ଉଦ୍‌ଘୋଷକ ।

***Desk***

## ସ୍ୱାସ୍ଥ୍ୟକେନ୍ଦ୍ର ଉଦ୍‌ଘାଟନ

କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଆଜି ସମ୍ବଲପୁର ଦେବେଇପାଲିରେ ଗୋଷ୍ଠୀ ଜନସ୍ୱାସ୍ଥ୍ୟ କେନ୍ଦ୍ରର ଉଦ୍‌ଘାଟନ କରିବା ସହ ଏକ ନୂତନ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି । ସମ୍ବଲପୁର ଜିଲ୍ଲାରେ ସ୍ୱାସ୍ଥ୍ୟ ଭିତ୍ତିଭୂମିକୁ ସୁଦୃଢ଼ କରିବା ନିମନ୍ତେ କେନ୍ଦ୍ର ତଥା ରାଜ୍ୟ ସରକାର ପ୍ରତିଶ୍ରୁତିବଦ୍ଧ ବୋଲି ମନ୍ତ୍ରୀ ଶ୍ରୀ ପ୍ରଧାନ କହିଛନ୍ତି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ନିକଟରେ ସେବାପର୍ବ-୨୦୨୫ ଅବସରରେ ବୁର୍ଲାସ୍ଥିତ ବୀର ସୁରେନ୍ଦ୍ର ସାଏ ଆୟୁର୍ବିଜ୍ଞାନ ଓ ଗବେଷଣା ପ୍ରତିଷ୍ଠାନ-ଭୀମ୍‌ସାରକୁ ବିଶ୍ୱସ୍ତରୀୟ ସୁପର ସ୍ପେଶିଆଲିଟି

ହସ୍ପିଟାଲ୍‌ରେ ପରିଣତ କରାଯିବାର ପ୍ରତିଶ୍ରୁତିକୁ ମନ୍ତ୍ରୀ ଶ୍ରୀ ପ୍ରଧାନ ଦୋହରାଇଛନ୍ତି । ଡବଲ ଇଞ୍ଜିନ୍ ସରକାରରେ ସ୍ୱାସ୍ଥ୍ୟ ଭିତ୍ତିଭୂମିକୁ ସୁଦୃଢ଼ କରି ଜନସାଧାରଣଙ୍କୁ ଅତ୍ୟାଧୁନିକ ସ୍ୱାସ୍ଥ୍ୟସେବା ଯୋଗାଇଦେବା ନିମନ୍ତେ ଶ୍ରୀ ପ୍ରଧାନ ପ୍ରତିଶ୍ରୁତି ଦେଇଛନ୍ତି । କାର୍ଯ୍ୟକ୍ରମରେ ରାଜ୍ୟ ଗ୍ରାମୀଣ ବିକାଶ ଓ ପଞ୍ଚାୟତିରାଜ ମନ୍ତ୍ରୀ ରବି ନାରାୟଣ ନାଏକ ଏବଂ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ଯୋଗ ଦେଇଥିଲେ ।

***Bhadrak/R***

# ଗୃହ କାର୍ଯ୍ୟାଦେଶ

ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଆଜି ଭଦ୍ରକ ଜିଲ୍ଲା ଗସ୍ତରେ ଯାଇ ତିହିଡ଼ି ପଞ୍ଚାୟତ ସମିତି କାର୍ଯ୍ୟାଳୟରେ ବିଭିନ୍ନ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି । ମନ୍ତ୍ରୀ ଶ୍ରୀ ସୂରଜ ଭଦ୍ରକ-ଚାନ୍ଦବାଲି ରାସ୍ତାର ଜଳ ନିଷ୍କାସନ ଡ୍ରେନ୍ ପ୍ରକଳ୍ପର ଶିଳାନ୍ୟାସ କରିଛନ୍ତି । ୩୮ ଲକ୍ଷ ଟଙ୍କା ବ୍ୟୟରେ ତିହିଡ଼ି ବ୍ଲକ୍‌ର ପାନୀୟ ଜଳ ଯୋଗାଣ ପ୍ରକଳ୍ପର ଶିଳାନ୍ୟାସ କରିଛନ୍ତି । ଖାଦ୍ୟ ସୁରକ୍ଷା ଯୋଜନାରେ ୮୦୦ ହିତାଧିକାରୀଙ୍କୁ ନୂତନ ରାସନ କାର୍ଡ଼ ପ୍ରଦାନ, ସାମାଜିକ ସୁରକ୍ଷା ଯୋଜନାରେ ୪୧୫ ଜଣ ହିତାଧିକାରୀଙ୍କୁ ମଧୁବାବୁ ପେନ୍‌ସନ ଯୋଜନାରେ ଭତ୍ତା ପ୍ରଦାନ ଓ ୨୬୦ ଜଣ ହିତାଧିକାରୀଙ୍କୁ ଅନ୍ତ୍ୟୋଦୟ ଆବାସ ଯୋଜନାରେ ଗୃହ ନିର୍ମାଣ ନିମନ୍ତେ କାର୍ଯ୍ୟାଦେଶ ବଣ୍ଟନ କରିଛନ୍ତି ।

କାର୍ଯ୍ୟକ୍ରମରେ ସାଂସଦ, ସ୍ଥାନୀୟ ବିଧାୟକ, ଜିଲ୍ଲାପାଳଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ ।

***IPR***

## ବନ୍ୟା - ସହାୟତା

ଗଜପତି ଜିଲ୍ଲାରେ ଲଗାଣ ବର୍ଷାଯୋଗୁଁ ବନ୍ୟା ଏବଂ ଭୂସ୍ଖଳନରେ ବସ୍ତୀଗୁଡ଼ା ଗ୍ରାମ ପଞ୍ଚାୟତର ତ୍ରିନାଥ ନାଏକ ଏବଂ ମେରିକଲି ପଞ୍ଚାୟତର ଲକ୍ଷ୍ମଣ ନାଏକଙ୍କର ପ୍ରାଣହାନୀ ଘଟଣାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗଭୀର ଦୁଃଖ ପ୍ରକାଶ କରିଛନ୍ତି । ମୃତକଙ୍କ ନିକଟତମ ପରିବାର ବର୍ଗଙ୍କ ପାଇଁ ରାଜ୍ୟ ବିପର୍ଯ୍ୟୟ ପରିଚାଳନା ପାଣ୍ଠିରୁ ୪ ଲକ୍ଷ ଟଙ୍କା ଲେଖାଏଁ ଅନୁକମ୍ପାମୂଳକ ସହାୟତା ରାଶି ପ୍ରଦାନ କରିବାକୁ ଗଜପତି ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ।

***Cuttack, Bhadrak, Kalahandi/R***

## ଭସାଣ ଉତ୍ସବ

କଟକ ଓ ଭୁବନେଶ୍ୱର ସମେତ ରାଜ୍ୟର ପୁରପଲ୍ଲୀଠାରୁ ଆରମ୍ଭ କରି ସହର ପର୍ଯ୍ୟନ୍ତ ଆଜି ମା’ ଜଗଜ୍ଜନନୀ ଦେବୀ ଦୁର୍ଗାଙ୍କର ଭସାଣି ଉତ୍ସବ

ଚାଲିଛି । ମୃଣ୍ମୟୀ ମୂର୍ତ୍ତିଗୁଡ଼ିକୁ ଶୋଭାଯାତ୍ରାରେ ନିଆଯାଇ ଅସ୍ଥାୟୀ ପୋଖରୀରେ ବିସର୍ଜନ କରାଯାଉଛି । ପାରମ୍ପରିକ ବାଦ୍ୟ, ଘଣ୍ଟ, ଶଙ୍ଖ, ବାଜା, ନାଚଗୀତ ମଧ୍ୟରେ ମା'ଙ୍କର ଭସାଣ ଶୋଭାଯାତ୍ରା ଚାଲିଛି । କଟକରେ ପୂର୍ବାହ୍ନରୁ ମେଢ଼ଗୁଡ଼ିକୁ ସାହି ପରିକ୍ରମା ପରେ ବିସର୍ଜନ ପାଇଁ ଦେବୀଗଡ଼ା ଅଭିମୁଖେ ନିଆଯାଉଛି । ଅପରାହ୍ଣ ୪ଟା ସୁଦ୍ଧା ପ୍ରାୟ ୩୦ରୁ ଊର୍ଦ୍ଧ୍ୱ ମେଢ଼ ଭସାଣ ଘାଟରେ ପହଞ୍ଚିଥିଲା । ଦେବୀଗଡ଼ାଠାରେ ୪ଟି ଅସ୍ଥାୟୀ ପୋଖରୀ ପ୍ରସ୍ତୁତି କରାଯାଇ ବ୍ୟାପକ ସୁରକ୍ଷାର ବନ୍ଦୋବସ୍ତ କରାଯାଇଛି । ବଙ୍ଗୀୟ ରୀତିନୀତି ଅନୁଯାୟୀ ପୂଜା ହୋଇଥିବା ମୃଣ୍ମୟୀ ମୂର୍ତ୍ତିଗୁଡ଼ିକୁ ଗତକାଲି ରାତିରୁ ଶୋଭାଯାତ୍ରାରେ ନିଆଯାଇ ବିସର୍ଜନ କରାଯାଇଲା । ଭସାଣୀ ଉତ୍ସବ ଦେଖିବା ପାଇଁ ଦେବୀଗଡାଠାରେ ପ୍ରବଳ ଭିଡ଼ ପରିଲକ୍ଷିତ ହୋଇଛି । ଭସାଣ ସମୟରେ ସହରର ମୁଖ୍ୟରାସ୍ତାରେ ଯାନବାହନ ଚଳାଚଳ ଉପରେ କମିଶନରେଟ୍ ପୋଲିସ ପକ୍ଷରୁ କଟକଣା ଲାଗୁ କରାଯାଇଛି ।

ରାଜଧାନୀ ଭୁବନେଶ୍ୱରର କୁଆଖାଇ ଓ ଦୟାନଦୀ କୂଳରେ ଏବଂ ଟଙ୍କପାଣି ସାଇମନ୍ଦିର ନିକଟରେ ଭସାଣପାଇଁ ଅସ୍ଥାୟୀ ଭାବେ ୪ଟି ପୋଖରୀ ନିର୍ମାଣ କରାଯାଇଛି । ଅପରାହ୍ନ ୨ଟାରୁ ରାତି ଗୋଟାଏ ପର୍ଯ୍ୟନ୍ତ ସହର ଭିତରେ ଟ୍ରାଫିକ କଟକଣା ଲାଗୁ ହୋଇଛି ।

ବିଭିନ୍ନ ଜିଲ୍ଲାରୁ ଭସାଣ ଉତ୍ସବ ଆମର ହସ୍ତଗତ ହୋଇଛି । ଭଦ୍ରକ ଜିଲ୍ଲାର ବିଭିନ୍ନ ସ୍ଥାନର ୬୦ରୁ ଊର୍ଦ୍ଧ୍ୱ ମା' ଦେବୀଦୁର୍ଗାଙ୍କ ମେଢ଼କୁ ବିସର୍ଜନ କରାଯାଉଛି ।

କଳାହାଣ୍ଡି ଜିଲ୍ଲାର ବିଭିନ୍ନ ପୂଜାକମିଟି ପକ୍ଷରୁ ଜଗତ୍‌ଜନନୀ ମା' ଦୁର୍ଗାଙ୍କର ଭସାଣ ପର୍ବ ଅନୁଷ୍ଠିତ ହେଉଛି । ଜିଲ୍ଲାର ଶାରଦୀୟ ଦୁର୍ଗାପୂଜା ଦଶହରା ଓ ଭସାଣ ପର୍ବ ଅତ୍ୟନ୍ତ ଶାନ୍ତିଶୃଙ୍ଖଳାର ସହ ସମ୍ପନ୍ନ ହେଉଥିବା ଆମ ସମ୍ବାଦଦାତା ଜଣାଇଛନ୍ତି ।

***Puri/R***

## ରାଧା-ଦାମୋଦର ବେଶ

ଆଶ୍ୱିନ ମାସ ଶୁକ୍ଳପକ୍ଷ ଏକାଦଶୀ ତିଥିରେ ଆଜି ଶ୍ରୀମନ୍ଦିରରେ ଶ୍ରୀଜୀଉମାନଙ୍କର ରାଧା ଦାମୋଦର ବେଶ ଅନୁଷ୍ଠିତ ହୋଇଛି । ଏକମାସ ଧରି ପ୍ରତ୍ୟେହ ରାଧା ଦାମୋଦର ବେଶରେ ଭକ୍ତମାନଙ୍କୁ ଶ୍ରୀଜୀଉ ଦର୍ଶନ ଦେବେ । ଏଥିସହିତ ମହାପ୍ରଭୁଙ୍କ ସ୍ୱତନ୍ତ୍ର ବାଲଭୋଗ ନୀତି ଆଜିଠାରୁ ଆରମ୍ଭ ହୋଇଛି । କାର୍ତ୍ତିକ ମାସର ସମସ୍ତ ନୀତିକାନ୍ତି କାର୍ତ୍ତିକ ପୂର୍ଣ୍ଣମୀ ପର୍ଯ୍ୟନ୍ତ ଚାଲିବ । ଶ୍ରୀଜୀଉଙ୍କର ରାଧା ଦାମୋଦର ବେଶ ଦର୍ଶନ ଏବଂ ବାଲଭୋଗ ପାଇବା ପାଇଁ ହବିଷ୍ୟାଳି ଅତ୍ୟନ୍ତ ନିଷ୍ଠା ଏବଂ ଶ୍ରଦ୍ଧାର ସହ କାର୍ତ୍ତିକ ବ୍ରତ ପାଳନ କରିଥାନ୍ତି ।

*Nayagarh/R*

# ଏସ୍.ବି.ଆଇ. - ଉପଦେଷ୍ଟା କମିଟି ବୈଠକ

ଭାରତୀୟ ଷ୍ଟେଟ୍ ବ୍ୟାଙ୍କ ଗ୍ରାମୀଣ ଆତ୍ମନିଯୁକ୍ତି ତାଲିମ ପ୍ରତିଷ୍ଠାନର ଜିଲ୍ଲାସ୍ତରୀୟ ଉପଦେଷ୍ଟା କମିଟି ବୈଠକ ନୟାଗଡ଼ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି । ଚଳିତ ଆର୍ଥିକ ବର୍ଷ ନିମନ୍ତେ ଜିଲ୍ଲାସ୍ତରୀୟ ପ୍ରଥମ ତ୍ରୈମାସିକ ବୈଠକରେ ଜିଲ୍ଲାପାଳ ଅକ୍ଷୟ ସୁନିଲ୍ ଅଗ୍ରୱାଲ୍ ଅଧ୍ୟକ୍ଷତା କରିଥିଲେ । ଯୁବବର୍ଗଙ୍କର ଦକ୍ଷତା ବିକାଶ କରି ସେମାନଙ୍କୁ ସ୍ୱାବଲମ୍ବୀ କରିବା ଏହି ଶିବିରର ମୁଖ୍ୟ ଉଦ୍ଦେଶ୍ୟ । ୧୩୦ ଜଣ ତାଲିମପ୍ରାପ୍ତ ଯୁବ ଉଦ୍ୟୋଗୀ ନିଜସ୍ୱ ରୋଜଗାର ପନ୍ଥା ନିର୍ଦ୍ଧାରଣ କରିପାରିଥିବା ବୈଠକରେ ଜିଲ୍ଲାପାଳ ସୂଚନା ଦେଇଥିଲେ ।

*Nayagarh/R*

# ବେଟି ପଢ଼ାଓ ବେଟି ବଚାଓ

ନୟାଗଡ଼ ଜିଲ୍ଲା ସମାଜ ମଙ୍ଗଳ ବିଭାଗ ପକ୍ଷରୁ ଜିଲ୍ଲାପାଳଙ୍କ ସଦ୍‌ଭାବନା ଗୃହରେ ବେଟି ପଢ଼ାଓ, ବେଟି ବଚାଓ ନିମନ୍ତେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ଏଥିରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା ଆଇନସେବା ପ୍ରାଧିକରଣ ସଚିବଙ୍କ ସମେତ ଅତିରିକ୍ତ ଜିଲ୍ଲାପାଳ, ଉପଜିଲ୍ଲାପାଳ ପ୍ରମୁଖ ଯୋଗ

ଦେଇଥିଲେ । କନ୍ୟା ଭ୍ରୂଣହତ୍ୟାକୁ ରୋକାଯାଇ କନ୍ୟା ସନ୍ତାନମାନଙ୍କ ଶିକ୍ଷା ଏବଂ ଅଭିବୃଦ୍ଧି ଉପରେ ବକ୍ତାମାନେ ଗୁରୁତ୍ୱାରୋପ କରିଥିଲେ ।

***Desk***

## କେନ୍ଦ୍ର ସରକାର - ସ୍ୱଚ୍ଛତା ଅଭିଯାନ

ଗାନ୍ଧି ଜୟନ୍ତୀ ଅବସରରେ କେନ୍ଦ୍ର ସରକାରଙ୍କ ପକ୍ଷରୁ ଆରମ୍ଭ କରାଯାଇଥିବା ସ୍ୱତନ୍ତ୍ର ସ୍ୱଚ୍ଛତା ଅଭିଯାନ ଚଳିତମାସ ୩୧ ତାରିଖ ପର୍ଯ୍ୟନ୍ତ ଚାଲିବ । ବିଭିନ୍ନ ମନ୍ତ୍ରଣାଳୟର ପ୍ରଶାସନିକ ସଂସ୍କାର, ଦକ୍ଷତା ବୃଦ୍ଧି, ନାଗରିକ କୈନ୍ଦ୍ରିକ ଶାସନ ବ୍ୟବସ୍ଥା, ଅଭିଯୋଗ ଗୁଡ଼ିକର ସମାଧାନ ଓ ଇ-ବର୍ଜ୍ୟବସ୍ତୁର ସୁପରିଚାଳନା ଦିଗରେ ପଦକ୍ଷେପ ନିଆଯାଉଛି । ମିଳିଥିବା ସୂଚନା ଅନୁସାରେ ଏହି ସମୟ ମଧ୍ୟରେ କୃଷି ମନ୍ତ୍ରଣାଳୟ ପକ୍ଷରୁ ୭୫୩ଟି ପ୍ରସ୍ତାବର ଅନୁମୋଦନ ଏବଂ ୧ ଲକ୍ଷ ୭୦ ହଜାର ବକେୟା ଅଭିଯୋଗର ସମାଧାନ ନିମନ୍ତେ ଲକ୍ଷ୍ୟ ରଖାଯାଇଛି ।

***Desk***

## ସ୍ୱଚ୍ଛତା ପକ୍ଷ

ପୂର୍ବତଟ ରେଳବାଇ ଗତ ୧ ତାରିଖରୁ ସ୍ୱଚ୍ଛତା ପକ୍ଷ ପାଳନ କରୁଛି । ଷ୍ଟେସନଗୁଡ଼ିକରେ ପରିଷ୍କାର ଓ ପରିଚ୍ଛନ୍ନତା ପ୍ରତି ଧ୍ୟାନ ଦେବା ସହ ଯାତ୍ରୀମାନଙ୍କ ନିମନ୍ତେ ସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି କରିବା ଏହି ଅଭିଯାନର

ଲକ୍ଷ୍ୟ । ସ୍ୱଚ୍ଛତା ବଜାୟ ରଖିବା ନିମନ୍ତେ ପୂର୍ବତଟ ରେଳବାଇର ମହାପ୍ରବନ୍ଧକ ଶ୍ରୀ ପରମେଶ୍ୱର ଫୁଙ୍କଓ୍ୱାଲ ଜନସାଧାରଣଙ୍କୁ ନିବେଦନ କରିଛନ୍ତି । ରେଳବାଇ କର୍ମଚାରୀମାନେ ପ୍ରତିବର୍ଷ ୧୦୦ ଘଣ୍ଟା ସ୍ୱଚ୍ଛତା କାର୍ଯ୍ୟକ୍ରମରେ ସାମିଲ୍ ହୋଇ ଅନ୍ୟମାନଙ୍କୁ ଏହି ଯୋଜନାରେ ଅନ୍ତର୍ଭୁକ୍ତ କରିବା ନିମନ୍ତେ ଶପଥ ନେଇଛନ୍ତି ।

******